ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ସାମାଜିକ ଦୂରତ୍ୱ ଏବଂ ମାର୍ଗଦର୍ଶିକା ଅନୁସାରେ ରବିଧାନ ସଂଗ୍ରହ କରାଯିବ : ଯୋଗାଣ ମନ୍ତ୍ରୀ ଶ୍ରୀ ସ୍ୱାଇଁ

ଭୁବନେଶ୍ୱର : ୧୭ ଅପ୍ରେଲ୍,୨୦୨୦

କରୋନ ଭୂତାଣୁ ସଂକ୍ରମଣ (କୋଭିଡ-୧୯)କୁ ମୁକାବିଲା କରିବା ପାଇଁ ଓଡ଼ିଶା ସମେତ ସାରା ଦେଶରେ ଲକଡାଉନ ଜାରି କରାଯାଇଥିବା ବେଳେ ଚଳିତ ରବିଧାନ ସଂଗ୍ରହ କାର୍ଯ୍ୟ ଯେପରି ସାମାଜିକ ଦୂରତ୍ୱ ଓ ମାର୍ଗଦର୍ଶିକା ଅନୁପାଳନ କରି ତ୍ୱରାନ୍ୱିତ ହୋଇପାରିବ ସେଥିନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । ଆଜି ଏହି ମର୍ମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏକ ବିସ୍ତୃତ ମାର୍ଗଦର୍ଶିକା ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ନିକଟକୁ ପ୍ରେରଣ କରାଯାଇଛି । କୋଭିଡ-୧୯ ପରିସ୍ଥିତିରେ ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ପାଇଁ ଏବଂ ଗହଳି ଏଡ଼ାଇବା ପାଇଁ ପର୍ଯ୍ୟାପ୍ତ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବା ଓ ଏଗୁଡ଼ିକରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ବିଶେଷ ଦୃଷ୍ଟି ଦେବା ପାଇଁ କୁହାଯାଇଛି ।

ଖରିଫ ଧାନ ସଂଗ୍ରହ କ୍ଷେତ୍ରରେ ପ୍ରଚଳନ କରାଯାଇଥିବା ଅନ୍‌ଲାଇନ୍ ଟୋକେନ୍ ବ୍ୟବସ୍ଥା ରବିଧାନ ସଂଗ୍ରହ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯିବ । ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଧାନସଂଗ୍ରହ କେନ୍ଦ୍ରରେ ସମସ୍ତ ଚାଷୀ, ପ୍ରାଥମିକ କୃଷି ସମବାୟ ସମିତିର ଅଧିକାରୀ, ମିଲର କିମ୍ୱା ସେମାନଙ୍କର ପ୍ରତିନିଧି ଏବଂ କାର୍ଯ୍ୟରତ ଶ୍ରମିକମାନେ କଡ଼ାକଡ଼ି ଭାବରେ ଅନୁପାଳନ କରିବେ ।

ଗହଳି ଏଡ଼ାଇବା ପାଇଁ କୌଣସି କେନ୍ଦ୍ରରେ ଦୈନିକ ୩୦ ଜଣରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ଧାନସଂଗ୍ରହ କରାଯିବ ନାହିଁ । ଗୋଟିଏ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ୧୦ ଜଣ ଚାଷୀ କେନ୍ଦ୍ରକୁ ଧାନ ନେଇ ଆସିବେ । ଆବଶ୍ୟକ ସ୍ଥଳେ ଅଧିକ ମଣ୍ଡି ଖୋଲା ଯାଇପାରିବ । ପ୍ରତ୍ୟେକଙ୍କ ବ୍ୟବହାର ନିମନ୍ତେ କେନ୍ଦ୍ରଗୁଡ଼ିକରେ ହ୍ୟାଣ୍ଡ ସାନିଟାଇଜର ଉପଲବ୍ଧ ହେବ । ପ୍ରତ୍ୟେକ ଦିନ ସକାଳ ୭ଟାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ଧାନ ସଂଗ୍ରହ କାର୍ଯ୍ୟ କରାଯିବ । କୌଣସି କ୍ଷେତ୍ରରେ ମଣ୍ଡିରେ ଗହଳି ହେବ ନାହିଁ । ଯଦି କୌଣସି କେନ୍ଦ୍ର ଗହଳି ଏଡ଼ାଇବାକୁ ବିଫଳ ହୁଏ ତେବେ ସେହି କେନ୍ଦ୍ରରେ ଧାନ ସଂଗ୍ରହ କରିବାକୁ ଅନୁମତି ଦିଆଯିବ ନାହିଁ । ଅପରାହ୍ଣରେ କଷ୍ଟମ୍ ମିଲରମାନଙ୍କ ଦ୍ୱାରା ଧାନ ଉଠାଣ କରାଯିବ । ଚାଷୀମାନଙ୍କ କ୍ଷେତ୍ରରେ ଆଇରିସ୍ ସ୍କାନ୍‌ର ବ୍ୟବହାର ସମୟରେ ପ୍ରତ୍ୟେକ ଥର ଏହାକୁ ସାନିଟାଇଜ୍ କରାଯିବ । ଏଥି ନିମନ୍ତେ ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରକୁ ପର୍ଯ୍ୟାପ୍ତ ପରିମାଣର ସାନିଟାଇଜ୍ ଯୋଗାଇ ଦିଆଯିବ ।

ଧାନ ସଂଗ୍ରହ କେନ୍ଦ୍ରରେ କେବଳ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀ, ମିଲରମାନଙ୍କ ପ୍ରତିନିଧି, କାର୍ଯ୍ୟରତ ଶ୍ରମିକ ଏବଂ ଗାଡ଼ିଚାଳକ/ହେଲ୍ପରଙ୍କୁ ପ୍ରବେଶର ଅନୁମତି ଦିଆଯିବ । ଅନ୍ୟ କୌଣସି ବ୍ୟକ୍ତି ଯଦି ମଣ୍ଡିରେ ପ୍ରବେଶ କରନ୍ତି ତେବେ ଜିଲ୍ଲା ପ୍ରଶାସନ କିମ୍ବା ପୋଲିସ୍ ପ୍ରଶାସନକୁ ତୁରନ୍ତ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମଣ୍ଡିରେ ଜାରି କରାଯାଇଥିବା ମାର୍ଗଦର୍ଶିକା ଏବଂ ସାମାଜିକ ଦୂରତ୍ୱ ଅନୁପାଳନ ସଂପର୍କରେ ସମବାୟ ବିଭାଗର ଡିଭିଜନାଲ୍ ରେଜିଷ୍ଟ୍ରାର, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଏବଂ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସଂପୃକ୍ତ ଅଧିକାରୀମାନଙ୍କୁ ନିୟମିତ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ସମସ୍ତ ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ । କୋଭିଡ୍-୧୯ ଭଳି ଏକ ବିଶେଷ ପରିସ୍ଥିତିରେ ଚାଷୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ଚାଷୀଙ୍କୁ ସେମାନଙ୍କ ଧାନ ବିକିବା ନିମନ୍ତେ ପାଳି ଆସିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଛି । ମାସ୍କ ପିନ୍ଧି ନଥିବା କିମ୍ବା ପାଟି ଓ ନାକ ଘୋଡ଼ାଇ ଆସିନଥିବା କୌଣସି ବ୍ୟକ୍ତିଙ୍କୁ ଧାନ ସଂଗ୍ରହ କେନ୍ଦ୍ର ମଧ୍ୟକୁ ପ୍ରବେଶ କରିବା ପାଇଁ ଦିଆଯିବ ନାହିଁ ।

ସୂଚନାଯୋଗ୍ୟ ଯେ ମେ ମାସ ପ୍ରଥମ ସପ୍ତାହରୁ ରବିଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯିବ । ଏଥି ନିମନ୍ତେ ଆଜି ସୁଦ୍ଧା ୨ ଲକ୍ଷ ୪୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପ୍ୟାକ୍ସ୍/ଲ୍ୟାମ୍ପସ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି । ୧୭ଟି ଜିଲ୍ଲାରେ ୮୧୨ଟି ଧାନ ସଂଗ୍ରହ କେନ୍ଦ୍ରରେ ରବିଧାନ ସଂଗ୍ରହ କରାଯିବ ।

ତାପସ କୁମାର ସାହା

ସୂଚନା ଅଧିକାରୀ